# କାଳବୈଶାଖୀରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କରେ ଗର୍ତ୍ତ

## ୧୫୦ ମିଟର ରାସ୍ତା କାର୍ଯ୍ୟ ଅଧୁରା ଥାଇ ରାସ୍ତା କାମ ଶେଷ



**ଚନ୍ଦନେଶ୍ୱର, ୨୪।୩ (ସମିସ) :** ଭୋଗରାଇର ପ୍ରସିଦ୍ଧ ଚନ୍ଦନେଶ୍ୱର ଶୈବପୀଠ ଏବଂ ୫୭ନମ୍ବର ରାଜ୍ୟ ରାଜପଥ ସଂଲଗ୍ନ ଜଗନ୍ନାଥପୁର ଛକଠାରୁ ଏସିଆ ମହାଦେଶର ବୃହତ୍ତମ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ଶୈବପୀଠକୁ ସଂଯୋଗ କରୁଥିବା ରାସ୍ତା ଭାୟା ଫୁଲବଣୀ, ରଣକୋଠା ହୋଇ କୁମ୍ଭୀର ଗଡ଼ି ଯାଏଁ ମୋଟ ୧୩.୫୪୦କି. ମି. ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନା ରାସ୍ତା କାର୍ଯ୍ୟ ସମାପନ ହୋଇଥିଲେ ହେଁ ନିମ୍ନ ମାନର ହୋଇଥିବା କଥା ସାଧାରଣରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଗତ ସୋମବାର ଠାରୁ ବୁଧବାର ୩ ଦିନର କାଳବୈଶାଖୀ ବର୍ଷାଯୋଗୁଁ ଠାଏଁ ଠାଏଁ ରାସ୍ତା ପାର୍ଶ୍ୱରେ ଗର୍ତ୍ତ ସୃଷ୍ଟି ହୋଇଛି। ଭୂଷଣ୍ଡେଶ୍ୱର ଦର୍ଶନରେ ଆସୁଥିବା ଅଧିକାଂଶ ପର୍ଯ୍ୟଟକ ଏହି ରାସ୍ତା ଉପରେ ନିର୍ଭର କରିଥାଆନ୍ତି। ଏହି ରାସ୍ତାରେ ପ୍ରତ୍ୟହ ବସ୍ ଚଳାଚଳ କରୁଥିବାରୁ ଗ୍ରାମାଞ୍ଚଳ ଅଧିବାସୀ ଚନ୍ଦନେଶ୍ୱର, ଜଳେଶ୍ୱର, ବାଲେଶ୍ୱର ଆଦି ସ୍ଥାନକୁ ଯିବାଆସିବା ପାଇଁ ଏହିରାସ୍ତାକୁ ଆପଣାଇ ଥାଆନ୍ତି। ଏକମାସ ତଳେ ଏହି ରାସ୍ତା କାମ ଅଧୁରା ରଖି କଣ୍ଟ୍ରାକ୍ଟରଙ୍କୁ ମାରିବା ଫଳରେ ଫୁଲବଣୀ ଖାସ ସ୍ଥିତ ପୋଷ୍ଟ ଅଫିସ ନିକଟରେ ୧୫୦ ମିଟର ରାସ୍ତା କାର୍ଯ୍ୟ ଏବେ ଅଧୁରା ରହିଯାଇଛି। ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ଅନୁମୋଦିତ ହୋଇ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଜଳେଶ୍ୱର ପାଖରୁ ଏହି ରାସ୍ତାଟିର କାର୍ଯ୍ୟ ଠିକାଦାର ସୁଜୟ କୁମାର କରଣ ହାତକୁ ନେଇଥିଲେ। ଏଥିପାଇଁ ବ୍ୟୟ ଅଟକଳ ୨୦୨୪.୧୬ ଲକ୍ଷ ହୋଇଥିବା ବେଳେ କାର୍ଯ୍ୟ ସମାପ୍ତି ଠାରୁ ୫ବର୍ଷ ରକ୍ଷଣାବେକ୍ଷଣ ପାଇଁ ୮୧.୫୬ ଲକ୍ଷ ରହିଛି। କିନ୍ତୁ ଏହି ୧୩.୫୪୦ କି:ମି: ରାସ୍ତା ମଧ୍ୟରେ ୬.୨୩୦ କି.ମି. କଂକ୍ରିଟ ଥିବା ବେଳେ ୭.୩୦୦ କି.ମି. ପିଚୁରାସ୍ତା ରହିଛି। କଂକ୍ରିଟ ରାସ୍ତା ତିଆରି ପାଇଁ ଦୁଇ ସାଇଡ଼ରେ ବଢ଼ିଥିବା ରାସ୍ତାରେ (ୱାଇଡିଂ ପୋର୍ସନ) ୧୫୦ ମି. ମି. ପରିମାଣର ବାଲିସ୍ତର ବିଛାଇ ପାଣିଦେବା ପରେ ୧୫୦ ମି. ମି. ମୋଟେଇରେ ମେଟାଲ କଂକ୍ରିଟ କରାଯିବା ପରେ ସମ୍ପୂର୍ଣ୍ଣ ଭାବରେ ୫.୫୦ ମିଟର ଚଉଡା ରାସ୍ତାକୁ ୧୨୦ ଏମ.ଏମ ମଟେଇରେ ପ୍ୟାନାଲ କଂକ୍ରିଟ ହେବା କଥା ସୂଚନା ମିଳିଥିଲା। ପିଚୁରାସ୍ତା ୭.୩୦୦ କି. ମି ପାଇଁ ସବିବେସ ୩୦୧୨.୫୮ ଘନମିଟରରେ ପାଣିଦେଇ ରୁଲିଂ କରାଯିବା ପରେ ପଥର ଗୁଣ୍ଡ ବା କ୍ରସର ଗୁଣ୍ଡ ବିଛାଯିବା ପରେ ୨୩୪୧.୬୮ ମି. ମି ଓ ୧୫୦ ମି. ମି ମୋଟେଇରେ ମେଟାଲ ବିଛାଯାଇ ପାଣିଦେଇ ରୋଲିଂ କରାଯିବା ପରେ ପୁଣି ୭.୫ ମି. ମି ମୋଟେଇରେ ମେଟାଲିଂ କରି ପାଣି ଦେଇ ସମତୁଲ କରାଯାଇ ପ୍ରାଇମର ଓ ଶେଷରେ ୨୦ ମିମି ମୋଟେଇରେ ପ୍ରିମିକ୍ସ କାର୍ପେଟ କରାଯିବାର ସୂଚନା ଥିଲେ ମଧ୍ୟ ସେଭଳି କାର୍ଯ୍ୟ ହୋଇନଥିବା ଜଣାଯାଇଛି। ସୂଚନା ଅନୁଯାୟୀ ସଠିକ ଭାବରେ ବିଭାଗୀୟ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ତଦାରଖ ନକରି କଣ୍ଟ୍ରାକ୍ଟର ସହିତ ସଲାସୁତୁରା କରିଥିବା କଥା ସାଧାରଣରେ ଆଲୋଚନା ହେଉଛି। ତଥାପି ଫୁଲବଣୀ ନିକଟରେ ୧୫୦ ମିଟର ରାସ୍ତା ଏବେ ଅସମ୍ପୂର୍ଣ୍ଣ ହୋଇ ରହିଛି। ସେଥିପାଇଁ ରାସ୍ତାରେ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ଜଗନ୍ନାଥପୁରରୁ ଭୂଷଣ୍ଡେଶ୍ୱର ରାସ୍ତା ଉପରେ ବିଭିନ୍ନ ଅଞ୍ଚଳର ପର୍ଯ୍ୟଟକ ନିର୍ଭର କରିଥାଆନ୍ତି। ଏତଦବ୍ୟତୀତ ଶଙ୍ଖାରୀ ହାଟ, ଭୂୟାଁ ସାହି ନାଫରାଇ ହାଟ, ଫୁଲବଣୀ, ରଣକୋଠା ହାଟ, ଆଉସା ଛକ, ଶ୍ରଦ୍ଧାପୁର ହାଟ, ମାଟିକେଞ୍ଚା, କାର୍ତ୍ତନୀୟା ମତ୍ସ୍ୟ ଅବତରଣ କେନ୍ଦ୍ର, ବିଚିତ୍ରପୁର ପ୍ରକୃତି ନିବାସ ଆଦି ସ୍ଥାନକୁ ଯିବାଆସିବା ପାଇଁ ସାଧାରଣ ଲୋକେ ନିର୍ଭର କରିଥାଆନ୍ତି। ତେଣୁ ଅସମ୍ପୂର୍ଣ୍ଣ ୧୫୦ମିଟର କାର୍ଯ୍ୟ ସମାପ୍ତି ହୋଇନଥିବା ସହିତ ସାଇଡ଼ରେ ଗର୍ତ୍ତ ସୃଷ୍ଟିହେବା ତାହାଛଡା ଆଗକୁ ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ଚଡକମେଳା ପାଇଁ ଅଧିକ ଭିଡ ତଥା ଯାନବାହାନର ଚଳାଚଳ କରିବାକୁ ଥିବାବେଳେ ଏଭଳି ଗର୍ତ୍ତ ସୃଷ୍ଟି ହେବାଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତି ବଢ଼ିବାରେ ଲାଗିଛି।

## ହନୁମାନ ମନ୍ଦିରର ରତ୍ନମୁଦ ଓ ଚୂଡ଼ାକରଣ ଉତ୍ସବ



**ନୀଳଗିରି, ୨୪।୩ (ସମିସ):** ଶ୍ରୀ ଶ୍ରୀ ହନୁମାନ ମନ୍ଦିରର ରତ୍ନମୁଦ ଓ ଚୁଡ଼ାକରଣ ଉତ୍ସବ ବୈଦିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ଏନ୍ଏସି ଅନ୍ତର୍ଗତ ୭ ନଂ ୱାର୍ଡ ର ବାଲିଗୋହିରି ଦାସସାହି ଛକରେ, ଏକ ନୂତନ ହନୁମାନ ମନ୍ଦିର ନିର୍ମାଣ ଚାଲିଥିଲା ବେଳେ ଆଜି ଉକ୍ତ ମନ୍ଦିରର ରତ୍ନମୁଦ ଓ ଚୁଡାକରଣ ଉତ୍ସବ, ହୋମ ଯଜ୍ଞ ସହିତ ସମାପନ ହୋଇଛି। ଏହି ଉପଲକ୍ଷେ ପ୍ରାତଃ କାଳରେ ଗ୍ରାମରେ ନଗର ସଂକୀର୍ତ୍ତନ, ମହିଳା ମାନଙ୍କ ଦ୍ୱାରା କଳସ ଯାତ୍ରା, ପରେ ବୈଦିକ ରୀତିନୀତି ଅନୁଯାୟୀ ହୋମ ଯଜ୍ଞ କରାଯାଇଥିଲା। ପରେ ମନ୍ଦିର ର ରତ୍ନମୁଦ ଦେବା ପରେ ଏହାର ଚୁଡ଼ାକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାଯାଇଛି। ଏଥି ପାଇଁ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉକ୍ତ ମନ୍ଦିର କମିଟିର ଆବାହକ ଶରତ ଦାସ, ରମାକାନ୍ତ ଦାସ, ଚନ୍ଦ୍ରକାନ୍ତ ମହାପାତ୍ର, ପତିତ ପାବନ ଦାସ, ଉମାକାନ୍ତ ପ୍ରମୁଖ ଉକ୍ତ ଉତ୍ସବରେ ପ୍ରମୁଖ ଭୂମିକା ନିଭାଇଥିବା କୁହାଯାଇଛି। ଆଜିର ଏହି ଉତ୍ସବ ରେ ଅନୁଷ୍ଠିତ ପୂଜାରେ ଏନ୍ ଏ ସି ଅଧକ୍ଷା ଅମ୍ବିକା ଦାସ, ଏବଂ ତାଙ୍କ ସ୍ୱାମୀ ସଂକଳ୍ପ କରି, ପୂଜା କାର୍ଯ୍ୟର ଶୁଭାରମ୍ଭ କରିଥିଲେ।

## ସିପିଆଇ(ଏମ୍)ର ନିର୍ବାଚନୀ ପ୍ରସ୍ତୁତି ବୈଠକ

**ନୀଳଗିରି, ୨୪।୩(ସମିସ):** ସିପିଆଇ(ଏମ) ଦଳ ପକ୍ଷରୁ କେସିପୁର ପଞ୍ଚାୟତର ବୁଦ୍ଧିଆଚୁଆ ଠାରେ ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ରେ ନିର୍ବାଚନ ସମ୍ପର୍କ ରେ ଆଲୋଚନା ହେବା ସହିତ ବନ ବିଭାଗ କର୍ମଚାରୀଙ୍କୁ ଶିକାରୀ ମାନେ କରିଥିବା ଆକ୍ରମଣକୁ ନିନ୍ଦା କରାଯାଇଛି। ଉକ୍ତ ସଭାରେ ସିପିଆଇଏମର ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର, ଯୋଗନନ୍ଦ ଦାସ, ଗଙ୍ଗାଧର ମହାନ୍ତି, ସତ୍ୟଜିତ ଦାସଙ୍କ ଉପସ୍ଥିତିରେ ପଞ୍ଚାୟତରେ କିଛି ସାଥୀ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେମାନଙ୍କ ମଧ୍ୟରେ ଯାମିନି ହାଁସଦା, ମହେନ୍ଦ୍ର ସିଂ, ଗୌତମ ପାତ୍ର, ଧନୁ ମାଝୀ, ବିଜୟ ମାଝୀ, ସୂର୍ଯ୍ୟ ମୁର୍ମୁ, ସର୍ଦ୍ଦାର ସିଂ, କାଳୀଚରଣ ସିଂ, ପ୍ରଫୁଲ୍ଲ ସିଂ ବହୁ ସାଥି ଦଳରେ ଯୋଗ ଦେଇଥିବା ସମ୍ପାଦକ ମଣ୍ଡଳୀ ସଭ୍ୟ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

## ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**ବାଲେଶ୍ୱର, ୨୪।୩(ସମିସ):** ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି କବି ଶ୍ରୀଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ଶରିଷ ଚନ୍ଦ୍ର ଜେନା ଯୋଗଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଗାଳ୍ପିକା ସୌରିନ୍ଧ୍ରୀ ସାହୁ ଯୋଗଦେଇ ନିଜର ମତ ରଖିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ଶଶୀରଞ୍ଜନ ମଲ୍ଲିକ ଯୋଗଦେଇ ଏହି ସ୍କୁଲ ୧୩ବର୍ଷ ମଧ୍ୟରେ ବହୁ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଗଢ଼ି ତୋଳି ପାରିଛି ବୋଲି କହିଥିଲେ। ବିଦ୍ୟାଳୟର ଉପଦେଷ୍ଟା ଅନସୂୟା ନାୟକଙ୍କ ସହ ବିଦ୍ୟାଳୟର ପ୍ରତିଷ୍ଠାତା ଭାସ୍କରଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦିକା ଜୟନ୍ତୀ ପାଣିଗ୍ରାହୀ, ଅଧ୍ୟକ୍ଷା ସରୋଜିନି ମିଶ୍ର ଓ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଏହି ଅବସରରେ କୁନି କାନ୍ଥ ଶିଳ୍ପୀ ଶ୍ୱେତାଲିସ ଶୁ ଦଇରିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଭାସ୍କରଚନ୍ଦ୍ର ମହାନ୍ତ ଧନ୍ୟବାଦ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ମୋନାଲିସା ପଣ୍ଡା, ସସ୍ମିତା ଆଚାର୍ଯ୍ୟ, ପ୍ରଣୀତ ଆଗସତି, ସନ୍ତୋଷ ପଣ୍ଡା, ଏଚ ଶ୍ରୀରାମ, ସୌରଭ କର, ରାଜେନ୍ଦ୍ର ଘୋଷ, ଜୀତେନ୍ଦ୍ର ବେହେରା, ଗାୟତ୍ରୀ ମଣ୍ଡଳ, ପ୍ରୀୟା ପାଲ, ରଜତ ଅଧିକାରୀ, ଜୟନ୍ତୀ ଦାଶ ପ୍ରମୁଖଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

## ବ୍ୟବସାୟୀ ସଂଘ ପକ୍ଷରୁ ଇଫ୍‌ତାର ପାର୍ଟି



**ବାଲେଶ୍ୱର, ୨୪।୩(ସମିସ):** ପବିତ୍ର ରମଜାନ ଅବସରରେ ଜେଡଏସଏସ ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀ ସଂଘ ପକ୍ଷରୁ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପଠାରେ ଏକ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରଘୁନାଥ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଇଫତାର ପାର୍ଟିରେ ସଂଘର ସମ୍ପାଦକ ଗିରିଜାଶଙ୍କର ଦାସ, ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ମହିନିମୋହନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜେଡଏସଏସ ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀ ସଂଘ ପକ୍ଷରୁ ମେଡିକାଲ ପାର୍ଶ୍ୱରେ୧୩୩ଟି ଦୋକାନ ରହିଛି। ଏଥିରେ ସବୁ ସମ୍ପ୍ରଦାୟର ଲୋକେ ଦୋକାନ ଦେଇଛନ୍ତି। ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା ଉଦ୍ଦେଶ୍ୟରେ ଏହା ପାଳନ କରାଯାଉଛି ବୋଲି କୁହାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନିରଞ୍ଜନ ପରିଡ଼ା, ସମରେନ୍ଦ୍ର ନାଥ ଦାସ, ସାମ୍ବାଦିକ ଅଭୟ ଦାସ, ଉଜ୍ଜ୍ୱଳ କର, ଶ୍ୟାମସୁନ୍ଦର ଲେଙ୍କା ପ୍ରମୁଖ ଯୋଗଦେଇ ନିଜର ଅଭିଭାଷଣ ଦେଇଥିଲେ। ମହମ୍ମଦ ଇକବାଲ ଧନ୍ୟବାଦ ଦେଲେ।

## ପ୍ରକୃତି ବନ୍ଧୁଙ୍କୁ ସମ୍ବର୍ଦ୍ଧନା



**ବାଲେଶ୍ୱର, ୨୪।୩(ସମିସ):** ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ଅଧୀନ ଖଣ୍ଡାହାର ଗ୍ରାମର ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଥିବା ଚୈତନ୍ୟ ସାହୁ ବୃକ୍ଷରୋପଣ ତଥା ସମାଜସେବା କ୍ଷେତ୍ରରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ସେଥିପାଇଁ ତାଙ୍କୁ ଦୁବୁଲାଗଡ଼ି ଅମର ଯବାନ ଯୁବ ସଙ୍ଗଠନ ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସୁସ୍ଥ ପରିବେଶ ଜୀବନ ସରସ ପାଇଁ ବିଭିନ୍ନ ଅଞ୍ଚଳରେ ବୃକ୍ଷ ରୋପଣ କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଥାଆନ୍ତି। ଗତ ଡିସେମ୍ବରରେ ମଧ୍ୟ ତାଙ୍କୁ ସଙ୍କୁଳତା ପବ୍ଲିକ ସ୍କୁଲ ପକ୍ଷରୁ ସବୁଜ ସାଥୀ ଭାବେ ସମ୍ବର୍ଦ୍ଧିତ କରାଯାଇଛି।

## ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା




**ବାଲେଶ୍ୱର, ୨୪।୩ (ସମିସ):** ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ, ବାଲେଶ୍ୱର ଶାଖା ପକ୍ଷରୁ 'ଗଣତାନ୍ତ୍ରିକ ଆନ୍ଦୋଳନ ଓ ସରକାରୀ ଦମନ' ଶୀର୍ଷକରେ ରାଜ୍ୟସ୍ତରୀୟ ଆଲୋଚନା ସଭା ସହରସ୍ଥିତ ଓଡ଼େଶା ଭବନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନା ସଭାରେ 'ଭାରତରେ ଦମନ ଆଇନ: ଅତୀତ ଓ ବର୍ତମାନ' ନାମକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଶିଷ୍ଟ ପରିବେଶବିତ୍ ତଥା ମେଗାସେସେ ପୁରସ୍କାରପ୍ରାପ୍ତ ପ୍ରଫୁଲ୍ଲ ସାମନ୍ତରା ଉକ୍ତ ପୁସ୍ତକର ସମୀକ୍ଷା କରିଥିଲେ। ଏଥିସହିତ ଦେବରଞ୍ଜନ ଓ ବିଶ୍ୱପ୍ରିୟ କାନୁନ୍‌ଗୋ ଉକ୍ତ ପୁସ୍ତକ ରଚନା କରିଥିବାରୁ ସେମାନଙ୍କୁ ମାନଙ୍କୁ ଆଲୋଚକମାନେ ଧନ୍ୟବାଦ ଦେଇଥିଲେ। 'ଭାରତର ଫାସୀବାଦ' ଶୀର୍ଷକ ଆଲୋଚନାରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସଭା ସଭାପତି ଡ. ବଂଶୀଧର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଆଲୋଚନା ସଭା ମଞ୍ଚକୁ ଅତିଥିମାନଙ୍କୁ ଇଂ. କୁମାର କାର୍ତ୍ତିକ ଆହ୍ୱାନ କରିଥିବାବେଳେ ଜିଲ୍ଲା ସମ୍ପାଦକ ଗାବିନ୍ଦ ଦଳାଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଦୀର୍ଘ ୫୦ ବର୍ଷରେ ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ଗଣତାନ୍ତ୍ରିକ ଆନ୍ଦୋଳନ ସମ୍ପର୍କରେ ବରିଷ୍ଠ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ସୂଚନା ଦେଇଥିଲେ। ରାଜ୍ୟ ସମ୍ପାଦକ ତଥା ଉଦ୍‌ଘାଟିତ ପୁସ୍ତକର ଅନ୍ୟତମ ଲେଖକ ଦେବରଞ୍ଜନ ଲେଖକୀୟ ବକ୍ତବ୍ୟ ରଖୁଥିଲେ। ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି, ଶରତ ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ ଓ ରଘୁନାଥ ମହାଳିକ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଇଂ. ହୃଷିକେଶ ସାହୁ, ବିଜୟ ଉପାଧ୍ୟାୟ, ମାୟାଧର ନାୟକ ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଦୁଇ ଅତିଥିଙ୍କୁ ବାଲେଶ୍ୱରର ବହୁ ସାମାଜିକ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା କମିଟି କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଜେନା ଧନ୍ୟବାଦ ଦେଇଥିଲେ।

## ଟଙ୍କା ନେଉଥିବା ସନ୍ଦେହରେ କାର ଅଟକ

**ଜଳେଶ୍ୱର ବ୍ଲକ, ୨୪।୩ (ସମିସ) :** ନିର୍ବାଚନକୁ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତରେ ପୁଲିସର ନାକାବନ୍ଦୀ ଲଗାଯାଇଛି। ରାଜ୍ୟ ବାହାରକୁ ଆସୁଥିବା ଓ ଯାଉଥିବା ଯାନବାହାନ ଉପରେ ଦୁଇ ରାଜ୍ୟ ପୁଲିସର କଡା ନଜର ରଖା ଯାଇଥିବା ଦେଖିବାକୁ ମିଳିଛି। ତେବେ ରବିବାର ମଧ୍ୟାହ୍ନ ସମୟରେ ଏକ ପଶ୍ଚିମବଙ୍ଗର ନମ୍ବର ଥିବା କାର ସନ୍ଦେହ ଜନକ ଭାବେ ଓଡ଼ିଶାରୁ ପଶ୍ଚିମବଙ୍ଗ ରାଜ୍ୟକୁ ପ୍ରବେଶ କରୁ ଥିବାର ଦେଖି ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ନାକା ପଏଣ୍ଟରେ ପଶ୍ଚିମବଙ୍ଗ ପୁଲିସ ପକ୍ଷରୁ ଅଟକ ରଖାଯିବା ସହିତ ଯାଞ୍ଚ କରାଯାଇ ଥିବାର ଦେଖିବାକୁ ମିଳିଥିଲା। କାର ମଧ୍ୟରେ କିଛି ପେଟିରେ ସନ୍ଦେହ ଜନକ ଜିନିଷ ଥିବାର ଦେଖି ପଶ୍ଚିମବଙ୍ଗ ପୁଲିସ କାରଟିକୁ ଅଟକ ରଖିବା ସହିତ ପଶ୍ଚିମବଙ୍ଗ ସଦର ଥାନାକୁ ନେଇ ଯାଇ ଥିବାର ଦେଖିବାକୁ ମିଳିଛି। ତେବେ ଉକ୍ତ କାରରେ ଟଙ୍କା ରହିଛି ବୋଲି ସନ୍ଦେହ କରାଯାଉଛି।

## ଜଗନ୍ନାଥ ସେବା ସଂସ୍ଥାର ବାର୍ଷିକ ସମାବର୍ତ୍ତନ ଉତ୍ସବ



**ବାଲିଆପାଳ, ୨୪।୩ (ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ କଚୁଆପଡ଼ାସ୍ଥିତ ଜଗନ୍ନାଥ ସେବା ସଂସ୍ଥାର ୨୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ରବିବାର ପାଳିତ ହୋଇଯାଇଛି। କବି ବ୍ରଜେନ୍ଦ୍ରନାଥ ଗିରିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ମୁଖ୍ୟବକ୍ତା ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ଶାଳିକୁଠାର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ଡ. ଅଜିତ କୁମାର ମହାନ୍ତି, ରବୀନ୍ଦ୍ର ନାଥ ବିଶ୍ୱାଳ, ପ୍ରାକ୍ତନ ଅଧ୍ୟକ୍ଷ ବିଜୟ କୁମାର ଦେ ପ୍ରମୁଖ ଯୋଗ ଦେଇ ଜଗନ୍ନାଥ ସେବା ସଂସ୍ଥା, ସମାଜ ସେବାକୁ ବ୍ରତ କରି ସାହିତ୍ୟ ସାଧକ ଓ ସାଧିକା ମାନଙ୍କୁ ଉତ୍ସାହିତ କରିବା ସହିତ ସତ୍ୟ ଓ ଅଧ୍ୟାତ୍ମିକତାକୁ ଅଗ୍ରାଧିକାର ଦିଏ ବୋଲି ମତ ବ୍ୟକ୍ତ କରିଥିଲେ। ସଂସ୍ଥାର ମୁଖପତ୍ର 'ଆମ ଗୌରବ' ଓ କବି ଜଗନ୍ନାଥ ପ୍ରଧାନଙ୍କ ସ୍ୱରଚିତ ପୁସ୍ତକ 'ବିଚିତ୍ରା'କୁ ଅତିଥି ମାନେ ଲୋକାର୍ପଣ କରିଥିଲେ। ଏହି ଅବସରରେ ନାରୀ କବି ସମ୍ମାନରେ ଅନିତା ପ୍ରଧାନ ଆଚାର୍ଯ୍ୟ, ବିଶିଷ୍ଟ ସମାଜସେବୀ ସମ୍ମାନରେ ଲକ୍ଷ୍ମୀକାନ୍ତ ରାଉଳ, ନିତ୍ୟାନନ୍ଦ ପାଣିଗ୍ରାହୀ ଓ ଯୁବ କବି ସମ୍ମାନରେ ସରୋଜ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍ଥାର ସଦସ୍ୟା ଡ. ରଶ୍ମିତା ପାଣିଗ୍ରାହୀ ମଞ୍ଚ ଆହ୍ୱାନ, ସଦସ୍ୟ ଝାଡେଶ୍ୱର ପ୍ରଧାନ ବାର୍ଷିକ ବିବରଣୀ ପାଠ ଏବଂ ଅଧ୍ୟାପକ ଦୟାନିଧି ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ମହିଳାଙ୍କୁ ରାହା ଯୋଗାଇଛି ମିଶନ ଶକ୍ତି

**ଔପଦା, ୨୪।୩ (ସମିସ):** ମହିଳାଙ୍କୁ ରାହା ଯୋଗାଇଛି ମିଶନଶକ୍ତି। ମହିଳା ମାନେ ସ୍ୱୟଂ ସହାୟକ ହେବା ସହ ପରିବାର ର ବୋଝ ନ ହୋଇ ବୋଝ ସମ୍ଭାଳିବାକୁ ସକ୍ଷମ ହୋଇ ପାରିଛନ୍ତି। ସାରା ରାଜ୍ୟରେ ସରକାର ସମସ୍ତ ମିଶନଶକ୍ତି ମହିଳା ମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରତ୍ୟେକଙ୍କୁ ଶାଢ଼ି କିଣିବା ପାଇଁ ୧ ହଜାର ଓ ଏମବିକେ, ସିଆରପି, ଇସି ମେମ୍ବରଙ୍କ ରାଜ୍ୟ ସରକାର ଦରମା ବୃଦ୍ଧି କରି ଉତ୍ସାହ ଦ୍ୱିଗୁଣିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଔପଦା ବ୍ଲକର ମୋଟ ୧୩ ହଜାର ୯ ଶହ ୨୨ ଜଣ ମିଶନଶକ୍ତି ମହିଳା ଶାଢ଼ି କିଣିବା ପାଇଁ ୧ହଜାର ଲେଖାଏଁ ପ୍ରତ୍ୟେକ ମହିଳାଙ୍କୁ ଗ୍ରୁପ ଜମା ବହି ମାଧ୍ୟମରେ ଦେବା ସହ ସିଆରପି, ଏମବିକେ ଓ ଇସି ମେମ୍ବରଙ୍କ ଦରମା ବୃଦ୍ଧି ହୋଇଛି। ନବୀନ ସରକାରଙ୍କ ସହଯୋଗ ଓ ସହାୟତା ପାଇଁ ମହିଳା ମାନେ ଆଜି ଖୁସି ରେ ସଂସାର କରିବାକୁ ସକ୍ଷମ ହୋଇ ପାରୁଛନ୍ତି ବୋଲି ମିଶନ ଶକ୍ତିର କର୍ମକର୍ତ୍ତା ମତ ଦେଇଛନ୍ତି। ଏ ସମ୍ପର୍କରେ ବିଏଲଏଫ ସଭାପତି ଦୀପ୍ତି ମହାନ୍ତି କହିଛନ୍ତି ମିଶନ ଶକ୍ତି ମହିଳା ମାନଙ୍କ ପ୍ରତି ନବୀନ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ସହାୟତା ଦେଇ ଆସୁଛନ୍ତି।



## ପ୍ରାକ୍ ହୋଲି ମିଳନ; ପ୍ରେମ ଓ ଫଗୁଣ କାର୍ଯ୍ୟକ୍ରମ



**ବାଲେଶ୍ୱର, ୨୪।୩(ସମିସ):** ରବିବାର ସନ୍ଧ୍ୟାରେ କବିତୀର୍ଥ ଶାନ୍ତକାନନ ପରିସରରେ ୧୫ତମ ପ୍ରେମ ଓ ଫଗୁଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇଟିଆର୍ ସହକାରୀ ନିର୍ଦ୍ଦେଶକ ନୀଳାଦ୍ରୀ ରାୟ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ମୁଖ୍ୟ ଡ଼. ବିନୟ ଦାସ, ରମାଦେବୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷା ଉର୍ମିଳା ଦାସ, ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ, କମଳେସ ପାଲା, ସେମାନଙ୍କ ସହଧର୍ମିଣୀମାନେ ଏବଂ ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ ଦୀପକ ଦୋଷ ଯୋଗଦେଇ ପରସ୍ପର ମଧ୍ୟରେ ରଙ୍ଗ ବୋଳାବୋଳି ହୋଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରାକ କଥା କବି ବ୍ରହ୍ମ ରଥ ରଖିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ସଦସ୍ୟ ରଘୁନାଥ ଲେଙ୍କା। ବିଶିଷ୍ଟ ଚିତ୍ରକର କେଶୁ ଦାସ ପ୍ରେମକୁ କେମିତି ଚିତ୍ରରେ ଚିତ୍ରିତ କରିହୁଏ ସେ ସମ୍ପର୍କରେ କହିଥିଲେ। ସାହିତ୍ୟିକ ପିତାମ୍ବର ଦାସ ପ୍ରେମର ଫଙ୍କା ବିଷୟରେ ସୂଚନା ଦେଇଥିଲେ। ଶେଷରେ ସଭ୍ୟ ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। କବି ଡ଼ା. କୁମାର ଗୋପାଳ ଓ ଶୁଶ୍ରୀ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ କବି ଦୀପକ ବୋଷ, ସୌରିନ୍ଧ୍ରୀ ସାହୁ, ଦୀପ୍ତି ଦାସ, ଶିରିଶ ଜେନା, ଗୀତାଞ୍ଜଳି ପାଣିଗ୍ରାହୀ ପ୍ରମୁଖ କବିତା ପାଠ କରିଥିଲେ। ପ୍ରାରମ୍ଭରେ ଗୁରୁ ନନ୍ଦକିଶୋର ଦାସ ସନ୍ତୁର ବାଦନ କରିଥିଲେ। ଗାୟକ ସତ୍ୟରଞ୍ଜନ ମହାନ୍ତି, ସୁଜିତ ଭୋଇ, ବହ୍ନିମାନ ରଥ, କାହ୍ନୁ ଲେଙ୍କା, ଡା.ଅମିତାଭ ଗିରି, ଡା.ମଧୁମାଳା ଗିରି, ଅମୃତାଂଶୁ ପଟ୍ଟନାୟକ, ମନ୍ମଥ ମିଶ୍ର, ସହିନି ଲେଙ୍କା, ଉର୍ବଶି ଦାସ, ଲିପିକା ପ୍ରମୁଖ ପ୍ରେମ ସଙ୍ଗୀତ ଗାନ କରିଥିଲେ। ଚିତ୍ରଶିଳ୍ପୀ କେଶୁ ଦାସଙ୍କ ନେତୃତ୍ୱରେ ଯୁବ ଚିତ୍ର ଶିଳ୍ପୀ ଅରୁଣ କୁମାର ବାରିକ ଓ ମରୁତ ରାଉତ ବିରାଟ ରୋମାଣ୍ଟିକ ଚିତ୍ର ଅଙ୍କନ କରିଥିଲେ। କବିତା, ଚିତ୍ର ଓ ସଙ୍ଗୀତକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ କାର୍ଯ୍ୟ ଅନୁଷ୍ଠାନର ସଦସ୍ୟ ବ୍ୟୋମନାଥ ରଥ, ବିଶ୍ୱଜିତ୍ ମହାପାତ୍ର ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କରାଯାଇଥିଲା।

## ପେଟ୍ରୋଲ ପମ୍ପରେ ଦୁର୍ବୃତ୍ତଙ୍କ ମାଡ଼ରେ ବାପାପୁଅ ଗୁରୁତର

**ବଳରାମପୁର, ୨୪।୩(ସମିସ):** ବାଲିଆପାଳ ଥାନା ଅନ୍ତର୍ଗତ ରେମୁ ପେଟ୍ରୋଲ ପମ୍ପରେ ଘଟିଯାଇଛି ଅଘଟଣ। ଦୁଇ ଜଣ ଗୋଟିଏ ବାଇକରେ ଆସି ପେଟ୍ରୋଲ ଦେବାକୁ କର୍ମଚାରୀଙ୍କୁ କହିଥିଲେ, କର୍ମଚାରୀ ଜଣଙ୍କ ସେମାନଙ୍କୁ କହିଥିଲେ ବର୍ତ୍ତମାନ ପେଟ୍ରୋଲ ଦେଇ ହେବନାହିଁ, ପାଞ୍ଚ ମିନିଟ ଅପେକ୍ଷା କରନ୍ତୁ ଗାଡ଼ିରୁ ପେଟ୍ରୋଲ ଅନ ଲୋଡିଙ୍ଗ ହେଉଛି। ଆମେ ଅପେକ୍ଷା କରିପାରିବୁ ନାହିଁ ବର୍ତ୍ତମାନ ଦିଅ କହିବାରୁ କର୍ମଚାରୀ ଜଣଙ୍କ କହିଲେ ସେଠାରେ ମାଲିକ ଅଛନ୍ତି ତାଙ୍କ ସହିତ କଥା ହୁଅନ୍ତୁ। ପାଟିତୁଣ୍ଡ ଶୁଭିବାରୁ ମାଲିକ ବାହାରକୁ ଆସି ଦୁଇଜଣଙ୍କ ସହିତ କଥା ହେଉଥିବା ସମୟରେ ଯୁକ୍ତି ତର୍କ ହୋଇଥିଲା, ଗାଳି କରିବା ସହିତ ଧକ୍କା ମାରି ଦେଇ ଗୋଇଠା ମାରି ପାଖରେ ପଡ଼ିଥିବା ବାଉଁଶ ରେ ମାଲିକ ଅତୁଲ ବେହେରା କୁ ପିଟିଥିଲେ। ମେନେଜର ଓ ପେଟ୍ରୋଲ ନେବାକୁ ଆସିଥିବା ଗ୍ରାହକ ମାନେ ସେ ଦୁଇଜଣଙ୍କୁ କାବୁ କରିବା ସହିତ ମାଲିକ ର ପୁଅ ରାଧାକୃଷ୍ଣ ବେହେରାଙ୍କୁ ଖବର ଦେଇଥିଲେ। କିଛି ସମୟ ପରେ ପୁଅ ଆସି ମୋ ବାପାଙ୍କୁ କଣ ପାଇଁ ପିଟିଲେ ପଚାରିବାରୁ ଦୁଇ ଦୁର୍ବୃତ୍ତ ତାଙ୍କର ଦୁଇହାତ କୁ ଧରି ବାମ ହାତର ବିଶି ଆଙ୍ଗୁଳିକୁ କାମୁଡି ଦୁଇ ଖଣ୍ଡ କରି ଦେଇଥିଲେ। ଅପରେସନ ପାଇଁ ବାଲେଶ୍ୱର ପରେ କଟକ ଡାକ୍ତରଖାନା ରେ ଚିକିତ୍ସା ଧୀନ ଅଛନ୍ତି। ଘଟଣା ନେଇ ବାଲିଆପାଳ ଥାନାରେ ଏତଲା ଦିଆଯାଇଛି।

## ନାବାଳିକା ଅପହରଣ, ଅଭିଯୁକ୍ତ ଗିରଫ

ସୋର, ୨୪।୩(ସମିସ): ସୋର ବ୍ଲକ ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ନାବାଳିକାକୁ ପୌରପାଳିକା ଅନ୍ତର୍ଗତ କମରପୁର ଗ୍ରାମର ଅଶୋକ କୁମାର ନାଥ(୨୪) ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ବାପା ଗତ ୨୦ ତାରିଖରେ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତକାଲି ରାତିରେ ପୁଲିସ ଅଶୋକକୁ ସୋରରୁ ଗିରଫ କରିଥିବା ବେଳେ ନାବାଳିକାକୁ ଉଦ୍ଧାର କରିଥିଲେ। ଆଜି ଅପରାହ୍ନରେ ସୋର ମେଡିକାଲରେ ଅଶୋକର ଡାକ୍ତରୀମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିବା ସହିତ ନାବାଳିକାକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଏପ୍ରିଲ ୨୦ରୁ ବିଶ୍ୱ କଲ୍ୟାଣ ମହାଯଜ୍ଞ

ରୂପସା, ୨୪।୩ (ସମିସ): ବସ୍ତା ଥାନା ଅନ୍ତର୍ଗତ ହଳଦୀପଦା ଆଞ୍ଚଳିକ ବିଶ୍ୱଶାନ୍ତି ମହାଯଜ୍ଞ ପରିବାର ଆନୁକୂଲ୍ୟରେ ଆସନ୍ତା ଏପ୍ରିଲ ୨୦ରୁ ୨୨ ତାରିଖ ତିନି ଦିନ ବ୍ୟାପୀ ବିଶ୍ୱ କଲ୍ୟାଣ ମହାଯଜ୍ଞ ଅନୁଷ୍ଠିତ ହେବ। ଏ ନେଇ ରବିବାର ମହାଯଜ୍ଞ ପରିବାର ପକ୍ଷରୁ ହଳଦୀପଦା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପରିବାରର ସଭାପତି ଅଜୟ କୁମାର ଜେନା ଏଥିରେ ପୌରୋହିତ୍ୟ କରି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ କାର୍ତ୍ତିକ ବାରିକ, ସରପଞ୍ଚ ବରେନ୍ଦ୍ର ସେଠୀ, ମୁଖ୍ୟ ପୁରୋଧା ଆଚାର୍ଯ୍ୟ ବିଜୟ ଜୀ, ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ର ନାଥ ମହାନ୍ତି, ଉପଦେଷ୍ଟା ସତ୍ୟନାରାୟଣ ନାୟକ, ଜୟନ୍ତ ପଣ୍ଡା, ରବୀନ୍ଦ୍ର ନାଥ ମନ୍ତ୍ରୀ, ମାନସ କୁମାର ନନ୍ଦ, ରବୀନ୍ଦ୍ର ଲେଙ୍କା ଓ ବାଞ୍ଛାନିଧି ଦେ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସୁପରିଚାଳନା ଦିଗରେ ରୂପରେଖ ପ୍ରସ୍ତୁତ କରିଥିଲେ। ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ, ନେତାଜୀ ୟୁଥ କ୍ଲବ, ହଳଦୀପଦା ମହୋତ୍ସବ କମିଟି ଏବଂ ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନ ୧୦୮ କଳସ ଶୋଭାଯାତ୍ରା ସହ ଯଜ୍ଞ ଶୁଭାରମ୍ଭ ହେବ। ଦ୍ୱିତୀୟ ଦିବସରେ ୨୦୧ କୁଣ୍ଡୀୟ ବିଶ୍ୱ କଲ୍ୟାଣ ମହାଯଜ୍ଞ ଅନୁଷ୍ଠିତ ହେବ। ଉଦଯାପନୀ ଉତ୍ସବରେ ଚଉପ୍ରହରୀ ନାମଯଜ୍ଞ ପୂର୍ବକ ପ୍ରସାଦ ସେବନର ବ୍ୟବସ୍ଥା ହେବ। ତିନିଦିନ ବ୍ୟାପୀ ଗୀତା ପାଠ, ନାମ ସଙ୍କୀର୍ତ୍ତନ, ବୈଦିକ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ହେବାର ନିଷ୍ପତ୍ତି ହୋଇଥିଲା। ବୈଠକରେ ମହାଯଜ୍ଞ ପରିବାରର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

**ବଦଳିଛି ସ୍ଥିତି, ହ୍ରାସ ପାଇଛି ଦେଶୀ ମାଛ ଉତ୍ପାଦନ**

# ଦେଶୀ ନାଁରେ ବିକ୍ରି ହେଉଛି ବାହାର ରାଜ୍ୟର ହ୍ୟାଚେରୀ ମାଛ

ଭୋଗରାଇ, ୨୪।୩ (ସମିସ):

ପାନ, ଧାନ ଓ ମୀନ ଉତ୍ପାଦନ ପାଇଁ ସମଗ୍ର ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି ବାଲେଶ୍ୱର ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଭୋଗରାଇ ବ୍ଲକର ବିସ୍ତୀର୍ଣ୍ଣ ଅଞ୍ଚଳ। ମଧୁର ଜଳ (ଦେଶୀ) ମାଛ ଉତ୍ପାଦନ ସହିତ ବିସ୍ତୀର୍ଣ୍ଣ ସମୁଦ୍ରରୁ ଜାଲରେ ଧରା ହେଉଥିବା ବିଭିନ୍ନ କିସମର ଲୁଣି ମାଛ ପାଇଁ ଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ମାନଙ୍କ ମଧ୍ୟରେ ଭୋଗରାଇ ଅଗ୍ରଣୀ ସ୍ଥାନ ଅଧିକାର କରିଛି। ଏବେ ମଧୁର ଜଳ (ଦେଶୀ) ମାଛ ଉତ୍ପାଦନ ହ୍ରାସ ପାଇଥିବାରୁ ବଜାର ସ୍ଥିତିରେ ଏକ ବିଶାଳ ପରିବର୍ତ୍ତନ ଆସିଛି। ପ୍ରତିଦିନ ଭୋଗରାଇ ବ୍ଲକ ଅଞ୍ଚଳରେ ଥିବା ବଜାର ମାନଙ୍କରେ ଉଭୟ ଲୁଣି ଓ ମଧୁର ଜଳର ବିଭିନ୍ନ କିସମର ୪୦ ଟନରୁ ଅଧିକ ମାଛ ବିକ୍ରୀ ହେଉଥିଲା ବେଳେ ଏଥି ମଧ୍ୟରେ ଅର୍ଦ୍ଧାଧିକ ହେଉଛି ମଧୁର ଜଳ ମାଛ। ମାତ୍ର ଏହି ମଧୁର ଜଳ ମାଛକୁ ନେଇ ଖାଉଟି ମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ବେପାରୀ ମାନେ ବାହାର ରାଜ୍ୟରୁ ହ୍ୟାଚେରୀ ମାଛ ଆଣି ଏଠାରେ ଥିବା ବିଭିନ୍ନ ବଜାରରେ ବିକ୍ରି କରୁଛନ୍ତି। ଏହି ଅଞ୍ଚଳରୁ ଯାହା କିଛି ମଧୁର ଜଳ (ଦେଶୀ) ମାଛ ଉତ୍ପାଦନ ହେଉଛି, ତାହା ବାହାର ରାଜ୍ୟରୁ ଆମଦାନୀ ହେଉଥିବା ମାଛ ଗହଣରେ ଲୁଚି ଯାଉଛି। ବେପାରୀ ମାନେ ବାହାର ରାଜ୍ୟରୁ ଆଣୁଥିବା ଏବଂ ସ୍ଥାନୀୟ ଅଞ୍ଚଳର ଫାର୍ମ ପଣ୍ଡ (ମଧୁର ଜଳ ପୋଖରୀ)ରେ ହ୍ୟାଚେରୀ ଜାଆଁଳା ଚାଷରୁ ଉତ୍ପାଦିତ ହେଉଥିବା ମାଛକୁ ଦେଶୀ ମାଛ କହି ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏଥିରେ ସାଧାରଣ ଖାଉଟି ମାନେ ଠକେଇର ଶିକାର ହେଉଛନ୍ତି। ମାଛ ଆମଦାନୀ ଓ ରପ୍ତାନୀ କ୍ଷେତ୍ରରେ ସରକାରୀ ସ୍ତରରେ କୌଣସି ସ୍ପଷ୍ଟ ନୀତି ନଥିବାରୁ ଦେଶୀ ମାଛ ଚାଷୀ ମାନେ ନିରୁତ୍ସାହିତ ହେଉଛନ୍ତି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଗଢି ଉଠିଥିବା ହେକ୍ଟର ହେକ୍ଟର ଚିଙ୍ଗୁଡ଼ି ଝିଲ ଯୋଗୁଁ ପରିବେଶ ପ୍ରଦୂଷିତ ହେଉଥିଲେ ବି ଏହାକୁ ନିୟନ୍ତ୍ରଣ କରାଯାଉନାହିଁ।



ଭୋଗରାଇ ଅଞ୍ଚଳର ଅନ୍ୟତମ ଦେଶୀ ମାଛ ବ୍ୟବସାୟୀ ଭାସ୍କର ପରମାଣିକ, ସନ୍ତୋଷ ଦଣ୍ଡପାଟ, ସାଧବ ଦଣ୍ଡପାଟ, ଅନନ୍ତ ନାୟକ, ବଳରାମ ବେହେରା, ମହେଶ୍ୱର ବେହେରା ପ୍ରମୁଖ କହିଛନ୍ତି ଯେ, ଭୋଗରାଇ ଅଞ୍ଚଳରୁ ଉତ୍ପାଦିତ ମଧୁର ଜଳ ଦେଶୀ ମାଛର ସ୍ୱାଦ ନିଆରା। ବାହାର ରାଜ୍ୟରୁ ଆଣି ବଜାରରେ ବିକ୍ରି କରାଯାଉଥିବା ମାଛ ଖାଇବାକୁ ସେଭଳି ସୁଆଦିଆ ନୁହେଁ। ପୂର୍ବରୁ ଗ୍ରାମାଞ୍ଚଳ ତଥା ସ୍ଥାନୀୟ ହାଟ ବଜାରରେ ପ୍ରଚୁର ପରିମାଣର ଦେଶୀ ଭାକୁର, ରୋହି, ମିରକାଳି, କାଳିପାଉଁଶି, ବାଟା, ମାଗୁର, କଉ, ଜିଆଁ, କରାଣ୍ଡି, ଛେନା କରାଣ୍ଡି, ମହୁରାଳି, ବାଳିଆ, ଭେକଟି, ଶେଉଳ, ମହୁରାଳି ଆଦି ବିଭିନ୍ନ ପ୍ରକାରର ମାଛ ମିଳୁଥିଲା। ଏବେ ତାହା ଦୁର୍ଲଭ ହେଲାଣି। ବେପାରୀ ମାନେ ପ୍ରତିଦିନ ପଡୋଶୀ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରୁ ଟ୍ରକ ଓ ପିକ୍‌ଅପ ଭ୍ୟାନ ମାଧ୍ୟମରେ ବିପୁଳ ପରିମାଣର ମାଛ ଆଣି ସ୍ଥାନୀୟ ବଜାରରେ ବିକ୍ରି କରୁଛନ୍ତି। ଆଗରୁ ବରଫ ପ୍ୟାକିଂ ହୋଇ ବାହାରୁ ମାଛ ଆସୁଥିବାରୁ ଏହାକୁ ବରଫ ଦିଆ ମାଛ କୁହାଯାଉଥିଲା। ଏବେ ବେପାରୀ ମାନେ ପାଣି କ୍ୟାରେଟରେ ଜିଅନ୍ତା ମାଛ ଆଣି ବଜାରରେ ବିକ୍ରି କରୁଥିବାରୁ ଦେଶୀ ଓ ଆମଦାନୀ ମାଛ ଚିହ୍ନଟ କରିବା ସହଜ ହେଉନାହିଁ। ବେପାରୀମାନେ ବାହାରୁ ଆଣୁଥିବା ମାଛକୁ ଦେଶୀ ମାଛ କହି ଚଢ଼ା ଦରରେ ବିକ୍ରି କରୁଥିବାରୁ ଖାଉଟି ମାନେ ଠକେଇର ଶିକାର ହେଉଛନ୍ତି। ପୂର୍ବରୁ ଏ ଅଞ୍ଚଳର ପ୍ରତ୍ୟେକ ଘରେ ଏକାଧିକ ଗାଡିଆ ଓ ପୋଖରୀ ରହିଥିଲା। ସେଥିରେ ବିପୁଳ ପରିମାଣର ମାଛ ଚାଷ ହେଉଥିଲା। ଏବେ ଆଉ ସେଭଳି ଗାଡିଆ ପୋଖରୀ ନାହିଁ। ଫଳରେ ଦେଶୀ ମାଛ ଉତ୍ପାଦନ ହ୍ରାସ ପାଇଛି। ଏବେ ଯେଉଁ କେତେଜଣ ଗାଡିଆ ପୋଖରୀରେ ମାଛ ଚାଷ କରୁଛନ୍ତି ସେମାନଙ୍କ ମଧ୍ୟରୁ ମଣ୍ଟୁ ଦଣ୍ଡପାଣି, ଲକ୍ଷ୍ମୀକାନ୍ତ ପରାମାଣିକ, ଭାସ୍କର ପଣ୍ଡିତ, ହାରାଧନ ମଣ୍ଡଳ ପ୍ରମୁଖ କହିଛନ୍ତି ଯେ, ସରକାରୀ ପ୍ରୋତ୍ସାହନ ଓ ବଜାର ସୁବିଧା ଅଭାବ ଯୋଗୁଁ ଅଧିକାଂଶ ମାଛ ଚାଷ ଛାଡିଦେବାକୁ ବସିଲେଣି। ସରକାରଙ୍କ 'ମୋ ପୋଖରୀ ଯୋଜନା' କେବଳ କାଗଜ କଲମରେ ସୀମିତ ରହିଛି। ଏହି ଯୋଜନାରେ ବିପୁଳ ପରିମାଣର ସରକାରୀ ଋଣ, ସବସିଡି ପ୍ରଦାନ କରାଯାଇଛି, ହେଲେ ବାସ୍ତବ କ୍ଷେତ୍ରରେ ସମ୍ପୃକ୍ତ ହିତାଧିକାରୀ ମାନଙ୍କ ପୋଖରୀ ନଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ମତ୍ସ୍ୟ ବିଭାଗ ଅଧିକାରୀ ଓ ଦଲାଲଙ୍କ ମଧୁଚନ୍ଦ୍ରିକାରେ ସରକାରଙ୍କ 'ମୋ ପୋଖରୀ ଯୋଜନା'ରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଲୁଟ ହେଉଛି। ସାଧାରଣ ତଥା ପ୍ରକୃତ ମତ୍ସ୍ୟ ଚାଷୀ ଏହି ଯୋଜନାରୁ ସୁଫଳ ପାଇପାରୁ ନାହାନ୍ତି। ଏକଦା ସୁବର୍ଣ୍ଣରେଖା ନଦୀ ମୁହାଣ ହାଲୁକା ଲୁଣି ପାଣିରେ ଭେକଟି, ଆଞ୍ଜି, ଗୁଛିଆ, ଆଡି, ତାଉରୀ, ଇଲିଶି ଓ ବିଭିନ୍ନ ପ୍ରଜାତିର ଚିଙ୍ଗୁଡ଼ି ଭଳି ବିଭିନ୍ନ ମାଛ ଜାଆଁଳା ମିଳୁଥିଲା। ଧୀବର ମାନେ ଏସବୁ ମାଛ ଜାଆଁଳା ଧରି ବାହାର ରାଜ୍ୟକୁ ପଠାଉଥିଲେ। ଆଗଭଳି ଏହି ମାଛ ଜାଆଁଳା ଆଉ ମିଳୁନାହିଁ। ଏବେ କୃତ୍ରିମ ପ୍ରଜନନ ପଦ୍ଧତିରେ ହ୍ୟାଚେରୀରେ ବିଭିନ୍ନ ପ୍ରଜାତିର ମାଛ ଜାଆଁଳା ଉତ୍ପାଦନ କରାଯାଇ ବଜାରରେ ବିକ୍ରି କରାଯାଉଛି। ଅଧିକ ଲାଭ ପାଇଁ ମାଛ ଚାଷୀ ମାନେ ଏହି ହ୍ୟାଚେରୀ ଜାଆଁଳା ଆଣି ପୋଖରୀରେ ଚାଷ କରୁଛନ୍ତି। ହେଲେ ତାହା ଖାଇବାକୁ ସ୍ୱାଦିଷ୍ଟ ହେଉନାହିଁ। ସେହିପରି ଏବେ ଏହି ଅଞ୍ଚଳରେ ଚିଙ୍ଗୁଡ଼ି ଝିଲ ସଂଖ୍ୟା ବ୍ୟାପକ ଭାବେ ବୃଦ୍ଧି ପାଇଥିଲା ବେଳେ ଲୁଣି ଚିଙ୍ଗୁଡ଼ି ଉତ୍ପାଦନ ବୃଦ୍ଧି ପାଇଛି। କେତେକ ଚାଷୀ ସମୁଦ୍ର ମୁହାଣରୁ ଭେକଟି, ଆଞ୍ଜି, ଗୁଛିଆ, ଆଡି, ଶଙ୍ଖା, ଇଲିଶି ଜାଆଁଳା ଧରି ଲୁଣି ଜଳ ପୋଖରୀରେ ଚାଷ କରୁଛନ୍ତି। ଅଳ୍ପ ସମୟରେ ମାଛ ବଢ଼ିବା ପାଇଁ ଚାଷୀ ମାନେ କୃତ୍ରିମ ମାଛ ଖାଦ୍ୟ, ଔଷଧ, ବିଭିନ୍ନ ହରମୋନ ଓ ଭିଟାମିନ ପ୍ରୟୋଗ କରୁଥିବାରୁ ଏହି ମାଛର ପ୍ରକୃତ ସ୍ୱାଦ ବାରି ହେଉନାହିଁ। ଅନ୍ୟପକ୍ଷରେ ଏହି କୃତ୍ରିମ ପଦ୍ଧତିରେ ଉତ୍ପାଦିତ ଲୁଣି ଓ ମଧୁର ଜଳ ମାଛ ମନୁଷ୍ୟ ଶରୀର ପ୍ରତି କ୍ଷତିକାରକ ବୋଲି ଅଧିକାଂଶ ବିଶେଷଜ୍ଞ ଡାକ୍ତର ମତବ୍ୟକ୍ତ କରୁଛନ୍ତି। ହେଲେ ଏବେ ସ୍ଥାନୀୟ ବଜାରରେ ମିଳୁଥିବା ଲୁଣି ଏବଂ ମଧୁର ଜଳ ମାଛ ସମୁଦ୍ରରୁ କି' ଝିଲ (ପୋଖରୀ)ରୁ, କୃତ୍ରିମ କି' ପାରମ୍ପରିକ ପଦ୍ଧତିରେ ଉତ୍ପାଦିତ ତାହା ଜାଣିବା ସହଜ ହେଉନାହିଁ। ମାଛ ବଜାର ଉପରେ ପ୍ରଶାସନିକ ଅଙ୍କୁଶ ଜାରି କରିବା ସହିତ ମାଛ ଆମଦାନୀ ଓ ରପ୍ତାନି ନୀତି ଧାର୍ଯ୍ୟ କରିବାକୁ ଭୋଗରାଇର ମାଛ ଚାଷୀ ମାନେ ଦାବି କରିଛନ୍ତି।

## ଟ୍ରେନ୍ ଧକ୍କାରେ ଯୁବକ ମୃତ

ଜଳେଶ୍ୱର ବ୍ଲକ, ୨୪।୩ (ସମିସ) : ଏହି ଥାନା ଦକ୍ଷିଣ ପୂର୍ବ ରେଳପଥର କୁବାଡିଆ ନିକଟରେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସକାଳ ପାଞ୍ଚ ଟାରେ ମହମ୍ମଦ ନଗର ପାଟଣା ପଞ୍ଚାୟତର କୁବାଡିଆ ଗ୍ରାମର ଲଛମନ ସିଂଙ୍କ ୩୫ ବର୍ଷର ପୁତ୍ର ଜଟିଆ ସିଂ ଟ୍ରେନ୍ ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ଜଟିଆ ଜଣେ ବଧିର ହୋଇଥିବା ବେଳେ ସକାଳ ସମୟରେ ଶୌଚ ହେବାକୁ ଯାଇ ରେଳ ଧାରଣା ଦେଇ ଘରକୁ ଫେରୁଥିବା ସମୟରେ ଟ୍ରେନ ଆସୁଥିବାରୁ ସେ ଜାଣିପାରି ନ ଥିଲେ ଏବଂ ଟ୍ରେନ୍ ଧକ୍କାରେ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ତେବେ ଦୀର୍ଘ ସମୟ ଧରି ମୃତ ଜଟିଆର ଖଣ୍ଡ ବିଖଣ୍ଡ ଶରୀର ପଡ଼ି ରହିଥିବା ବେଳେ ଦ୍ୱିପହରରେ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ପୋଷ୍ଟମର୍ଟମ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଘଟଣା ସ୍ଥଳରେ ମହମ୍ମଦ ନଗର ପାଟଣା ଗ୍ରାମ ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ସେନାପତି ପହଞ୍ଚି ମୃତକଙ୍କ ପରିବାରକୁ ରେଳ ବିଭାଗ ପକ୍ଷରୁ କ୍ଷତିପୂରଣ ଦାବି କରିଛନ୍ତି।

## ରାଇଶୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରାଇବଣିଆ, ୨୪।୩ (ସମିସ): ଜଳେଶ୍ୱର ବ୍ଲକ ବରଡ଼ିହା ପଞ୍ଚାୟତର ରାଇଶୋଳ ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ଥାନା ଆଇଆଇସି ରଞ୍ଜନ କୁମାର ସେଠୀ ଯୋଗଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ଲକ୍ଷ୍ୟ ସ୍ଥିର କରି ଅଧ୍ୟୟନରେ ମନୋନିବେଶ କଲେ ସଫଳତାର ଶୀର୍ଷରେ ପହଞ୍ଚି ପାରିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବରଡ଼ିହା କ୍ଲଷ୍ଟରର ସିଆରସିସି ବରେନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ସୁକୁମାର ରଣା, ଓମାନ ପାୱାର ପ୍ଲାଣ୍ଟର ମୁଖ୍ୟଯନ୍ତ୍ରୀ ଉମେଶ ସି, କଳମା ସମିତି ସଭ୍ୟ ଚିତ୍ତ ରଞ୍ଜନ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ଉପାଧ୍ୟକ୍ଷ ପ୍ରଣବେଶ ଜେନା ପ୍ରମୁଖ ଯୋଗଦେଇ ସରକାରୀ ବିଦ୍ୟାଳୟ ଓ ଘରୋଇ ବିଦ୍ୟାଳୟର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ସରପଞ୍ଚ ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମନୋଜ ଗୁରୁଜୀ ଓ ଗୁରୁମା ତିଲୋତ୍ତମା ସାହୁ ଅତିଥି ପରିଚୟ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ୨୦୦ମିଟର ଦୌଡ଼ ପ୍ରତିଯୋଗିତାରେ ୨ୟ ସ୍ଥାନ ଅଧିକାର କରିଥିବା ୭ମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ପାରମିତା ଜେନା ଓ ରାମନୁଜମ ଗଣିତ ପ୍ରତିଭା ପରୀକ୍ଷାରେ ୫ମ ସ୍ଥାନ ଅଧିକାର କରିଥିବା ସୁମିତ ଗିରିଙ୍କୁ ମୁଖ୍ୟ ଅତିଥି ଶ୍ରୀ ସେଠୀ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ବିଭିନ୍ନ ଶ୍ରେଣୀର ଶ୍ରେଷ୍ଠ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଶ୍ରୀକାନ୍ତ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସମ୍ପାଦକ ଅମରେଶ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ଅଭିଭାବକ ଯୋଗଦେଇଥିଲେ।



## ମଦ ଜବତ, ଜଣେ ଗିରଫ

ସୋର, ୨୪।୩ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବାଘଆମ୍ବୁଡା ଏବଂ ଖୁଣ୍ଟା ଗ୍ରାମରେ ଚଢ଼ାଉ କରି ଗୁଡ଼ପୋଚ ନଷ୍ଟ କରିବା ସହିତ ଦେଶୀମଦ ଏବଂ ବିୟର ଜବତ କରିବା ସହିତ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ବାଘ ଆମ୍ବୁଡା ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ମଦ ରନ୍ଧା କାରଖାନା ଉପରେ ଚଢ଼ାଉ କରି ୧୨୫୦ ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୯୦ ଲିଟର ଦେଶୀମଦ ଜବତ କରିଥିଲେ। ଏହି ଚଢ଼ାଉ ହେଉଥିବା ଜାଣିପାରି ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସେହିପରି ଖୁଣ୍ଟା ଗ୍ରାମରେ ଏକ ଦୋକାନରେ ଚଢ଼ଉ କରି କନକଲତା ରାଉତ ନିକଟରୁ ୫.୫ ଲିଟର ବିୟର ଜବତ କରି କନକଲତାକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ରଜନୀକାନ୍ତ ସାହୁ, ଗଣେଷ ସିଂ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

## 'ହସ୍ତଶିଳ୍ପ କାରିଗରଙ୍କ ଜୀବନଜୀବିକା ପ୍ରତି ସରକାର ସଚେତନ'

ବଳରାମପୁର, ୨୪।୩ (ସମିସ) : ସରକାର ହସ୍ତଶିଳ୍ପ କାରିଗରଙ୍କ ଜୀବନ ଓ ଜୀବିକା ପ୍ରତି ସଚେତନ ବୋଲି ରବିବାର ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ମହିଳା ସଂଗଠନ ରାହ୍ୱାର ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି। ମାତ୍ର କାରିଗରମାନେ କୌଣସି ପରିସ୍ଥିତିରେ ଏହି ପେସାଗତ ବୃତ୍ତିକୁ ନ ଛାଡ଼ି ନିଜ ଶକ୍ତି ଓ ଦମ୍ଭରେ ଅଗ୍ରସର ହେବା ଦରକାର୍। ରାହ୍ୱା ସବୁ ସବାଇ କାରିଗରଙ୍କ ପାଇଁ ମାର୍ଗଦର୍ଶକ ହୋଇ ସବୁ ସମୟରେ ଛିଡା ହୋଇଛି ବୋଲି ଅତିଥିମାନେ ମଧ୍ୟ କହିଛନ୍ତି। ଅନୁଷ୍ଠାନର ସଭାପତି ମାଳତୀ ଜେନା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ଅନ୍ୟତମ କାର୍ଯ୍ୟକର୍ତ୍ତା ରାକେଶ କୁମାର ପାତ୍ର ଏହାକୁ ପରିଚାଳନା କରିଥିଲେ। ଏଥିରେ ଓଡ଼ିଶା ଶିଳ୍ପୀ ମହାସଂଘର ସଂଘର ସଭାପତି ଉଦୟ ମହାନ୍ତି ମୁଖ୍ୟଅତିଥି, ଇଞ୍ଚୁଡ଼ିର ଭୂମିପୁତ୍ର ତଥା ବରିଷ୍ଠ ସମାଜ ସେବୀ ସର୍ବେଶ୍ୱର ଦାସ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ବାଲିଆପାଳ ଇତିହାସ ଲେଖକ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, ବରିଷ୍ଠ ସମାଜ ସେବୀ ଶ୍ୟାମ ସୁନ୍ଦର ଦାସ ଅଧିକାରୀ, ଅଧ୍ୟାପକ ବୀର ମାଧବ ଦାସ, କୁଞ୍ଜକାନ୍ତ ପାତ୍ର, ଆଇନଜୀବୀ ତଥା ଜନନୀ ପରିବାର ମୁଖ୍ୟ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଓଡ଼ିଶା ଶିଳ୍ପୀ ମହାସଂଘର ସମ୍ପାଦିକା ସରୋଜିନୀ ଦାସ, ଜିଲ୍ଲା ସଂଘର ସମ୍ପାଦିକା ଶର୍ମା ଶିଲ୍, ସଂଯୋଜକ ରାଜେଶ କୁମାର ପାତ୍ର, ଉତ୍ତାଣର ରାଜ୍ୟ ସଭାପତି ସଦାଶିବ ସେଠୀ, ଯୋଗୀ ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। କୃତିତ୍ୱ ପାଇଁ କେତେକ ସବାଇ ଘାସ କାରିଗରଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାହ୍ୱାର ସମ୍ପାଦିକା ଆରତୀ ପାତ୍ର ବାର୍ଷିକ ବିବରଣୀ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଧରିତ୍ରୀ ଜେନା, ଦେବଲିନା ଜେନା, ସାଇ କଲ୍ୟାଣୀ ଜେନା, ସାଇଶ୍ରୀ ଜେନା ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମହିଳା ସ୍ୱେଚ୍ଛସେବୀ ନିରୂପମା ଜେନା, ଅନୁପମା ଜେନା, ଉପମା ଜେନା, ରାଜଶ୍ରୀ ପାତ୍ର, ସସ୍ମିତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



● ରାହ୍ୱା ମହିଳା ହସ୍ତଶିଳ୍ପ କାରିଗର ସଂଘର ବାର୍ଷିକ ପ୍ରତିଷ୍ଠା ଉତ୍ସବ

## ସାହାବାଜିପୁର ଗାଁରୁ ନାଗ ସାପ ଉଦ୍ଧାର

ଚନ୍ଦନେଶ୍ୱର, ୨୪।୩ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସୀମାନ୍ତ ସାହାବାଜିପୁର ଗାଁରୁ ବିଳମ୍ବିତ ରାତିରେ ଏକ ନାଗ ସାପ ଉଦ୍ଧାର ହୋଇଛି। ଉଦୟପୁର ବନପାଳ ଦାୟିତ୍ୱରେ ଥିବା ଜ୍ୟୋତ୍ସ୍ନାରାଣୀ ଦତ୍ତ ଓ ସବୁଜ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ନେଇ ବିଚିତ୍ରପୁର ବନି ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡି ଦେଇଥିବା ସୂଚନା ମିଳିଛି। ସାହାବାଜିପୁର ପଞ୍ଚାୟତ ସେହି ଗାଁର ହରେକୃଷ୍ଣ ପ୍ରଧାନ ତାଙ୍କ ଘର ବାଡ଼ିରେ ଥିବା କୁକୁଡ଼ା ଘର ଚାରିପଟେ ଜାଲ ଘେରାଉ କରିଥିଲେ। ଶନିବାର ସନ୍ଧ୍ୟାରେ ହରେକୃଷ୍ଣ ଘରକୁ ଆସିବା ପରେ କୁକୁର ଭୁକୁଥିବା ଦେଖି କୁକୁଡ଼ା ଘର ପାଖକୁ ଯାଇଥିଲେ। ଏହି ସମୟରେ ଜାଲରେ ଏକ ନାଗ ସାପ ଫସି ରହିଥିବା ଦେଖିବାକୁ ପାଇଥିଲେ। ଖବରପାଇ ବନପାଳ ଜ୍ୟୋତ୍ସ୍ନାରାଣୀ ଦତ୍ତ ଓ ସବୁଜ ବାହିନୀ ହରିଶଙ୍କର ସାହୁ ପହଞ୍ଚି ଜାଲ କାଟି ସାପଟିକୁ ଉଦ୍ଧାର କରି ଉଦୟପୁର ବନପାଳ କାର୍ଯ୍ୟାଳୟକୁ ଆଣିଥିଲେ। ୭ ଫୁଟର ନାଗ ସାପଟିକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।



**ଗୋରୁ ମାଫିଆଙ୍କ ଅମାନୁଷିକ କାର୍ଯ୍ୟ**

# ରାଜପଥ କଡ଼ରେ ମଲା ଗୋରୁ ପକାଇବାରୁ ଅସନ୍ତୋଷ

ବସ୍ତା ବ୍ଲକ, ୨୪।୩ (ସମିସ):

ବାଲେଶ୍ୱର ଜିଲ୍ଲା ଦେଇ ପଶ୍ଚିମବଙ୍ଗକୁ ଯାଇଥିବା ୬୦ ନମ୍ବର ଜାତୀୟ ରାଜପଥ ଏବେ ଚୋରା ଗୋରୁ ଚାଲାଣ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ଦୈନନ୍ଦିନ ଟ୍ରକ୍ ଟ୍ରକ୍ ଗୋରୁକୁ ଅତି ଅମାନୁଷିକ ଭାବେ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଛି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ନାକ ତଳେ ଚାଲିଛି ଏହି ମାଫିଆ ରାଜ। ମାତ୍ର ସେମାନଙ୍କର ଅମାନୁଷିକ କାର୍ଯ୍ୟ ପାଇଁ ବସ୍ତାବାସୀ ହନ୍ତସନ୍ତ ହେଉଛନ୍ତି। ପ୍ରକାଶ ଯେ, ଟ୍ରକ୍‌ରେ ଗୋରୁ ଗୁଡ଼ିକୁ ଅତି ଦୟନୀୟ ଭାବେ ଭର୍ତ୍ତି କରି ନେବା ସମୟରେ ରାସ୍ତାରେ ଅନେକ ଗୋରୁ ମରୁଛନ୍ତି। ସେହି ମଲା ଗୋରୁକୁ ସେମାନେ ବସ୍ତାର ପ୍ରବେଶ ଦ୍ୱାର ୬୦ ନମ୍ବର ଜାତୀୟ ରାଜପଥ ର ବସ୍ତା ବାଇପାସ ଠାରେ ଫୋପାଡି ପକାଉଛନ୍ତି। ଯାହା ଫଳରେ ମଲା ଗୋରୁ ସବୁ ପଚି ଯାଇ ଦୁର୍ଗନ୍ଧ ରେ ସ୍ଥାନୀୟ ଅଞ୍ଚଳ ଫାଟି ପଡୁଛି। ସେହିପାରି ମଲା ଗୋରୁ ସବୁ ଟ୍ରକ ଉପରୁ ପୋଲ ତଳକୁ ମଧ୍ୟ ପକାଉ ଛନ୍ତି। ଫଳରେ ପାଣି ଦୂଷିତ ହେଉଛି। ରାଜପଥ ପାର୍ଶ୍ୱରେ ମୃତ ଗୋରୁକୁ କୁକୁର ମାନେ ଖାଉଛନ୍ତି। ରାସ୍ତା ଉପରେ ମାଳ ମାଳ କୁକୁର ପାଇଁ ଅଚାନକ ଦୁର୍ଘଟଣା ଘଟୁଛି। ଏହା ଏବେ ନିତିଦିନିଆ ଭାବେ ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେହି ରାସ୍ତା ଦେଇ ପ୍ରତ୍ୟେକ ଦିନ ପୁଲିସଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ମାନେ ଯାଉଥିବା ବେଳେ ଏହାକୁ ଦୃଷ୍ଟି ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଲୋକେ ପ୍ରକାଶ କରିଛନ୍ତି। ପୁଲିସର ଗୋରୁ ମାଫିଆଙ୍କୁ ଅନୁକମ୍ପା ପାଇ ଲୋକେ ସମସ୍ୟା ଭୋଗୁଥିବା ଲୋକେ ଅଭିଯୋଗ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜପଥରେ ରାଜପଥ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ସେମାନେ ଏହା ଜାଣି ନ ପାରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜପଥ ପୁଲିସ ବସ୍ତା ଛକରେ ଗାଡ଼ି ରଖି ପାଟ୍ରୋଲିଂ କରୁଥିବା ବେଳେ ସେହି ସ୍ଥାନରେ ମୃତ ଗୋରୁ ପକାଇବା ତାଙ୍କ ଇଙ୍ଗିତରେ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ରାଜପଥରେ ଯାତାୟତ କରୁଥିବା ଯାତ୍ରୀଙ୍କୁ ସୁରକ୍ଷା ବଦଳରେ ସେମାନେ ରାଜପଥରେ ବିଳମ୍ବିତ ରାତିରେ ଟ୍ରକ ସବୁ ଯାଞ୍ଚ କରି ଟଙ୍କା ନେଉଥିବା ଦେଖିବାକୁ ମିଳିଛି ବୋଲି ଲୋକେ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ବସ୍ତା ପୁଲିସ ସବୁଦେଖି ଅଜଣା ସାଜିଥିବାରୁ ବସ୍ତା ବାସୀ ବାଲେଶ୍ୱର ଏସ୍‌ପିଙ୍କ ହସ୍ତକ୍ଷେପ ଦାବି ହେଉଛି।



## ଦିଅଁଙ୍କ ଅପେକ୍ଷାରେ ଐତିହାସିକ ପତିରାଜପୁର ମେଳନ ପଡ଼ିଆ

ଖଇରା, ୨୪।୩ (ସମିସ): ସୋମବାର ରାତିରୁ ଆରମ୍ଭ ହେବ ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ପତିରାଜପୁର ମେଳଣ। ଏଥିପାଇଁ କେବଳ ଖଇରା କାହିଁକି ପଡୋଶୀ ଜିଲାର ବହୁ ଅଞ୍ଚଳବାସୀ ଅଜଣା ଆନନ୍ଦରେ ଉତଫୁଲ୍ଲିତ। ୭୦ରୁ ଊର୍ଦ୍ଧ୍ୱ ବିମାନରେ ଦିଅଁ ମାନଙ୍କର ମଣ୍ଡପ ବିଜେକୁ ଉତ୍ସୁକତାର ସହ ଚାହିଁ ରହିଛନ୍ତି ଅଗଣିତ ଶ୍ରଦ୍ଧାଳୁ। ନିଜର ଆରାଧ୍ୟ ଦେବତାଙ୍କ ଆଗମନକୁ ଅପେକ୍ଷା କରି ରହିଛି ଏହି ପୁଣ୍ୟଭୂମି। ପ୍ରାୟ ୧୫ଦିନ ଧରି ଚାଲିବାକୁ ଥିବା ଏହି ମେଳନ ପାଇଁ ଓଡ଼ିଶାର କୋଣ ଅନୁକୋଣରୁ ୭ଶହରୁ ଅଧିକ ବ୍ୟବସାୟୀ ନିଜର ଅସ୍ଥାୟୀ ଦୋକାନ ଖୋଲିବା କାମରେ ବ୍ୟସ୍ତ। ମେଳାକୁ ଶୃଙ୍ଖଳିତ କରିବା ପାଇଁ ମେଳନ କମିଟି ତରଫରୁ ବିଭିନ୍ନ ସମୟରେ ପ୍ରସ୍ତୁତି ବୈଠକର ଆୟୋଜନ କରାଯିବା ସହ ପ୍ରଶାସନର ସହଯୋଗ ମଧ୍ୟ କାମନା କରାଯାଇଛି। ଶେଷ ପ୍ରସ୍ତୁତି ବୈଠକ ରବିବାର ଦିନ ସଭାପତି ପିତାମ୍ବର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଖଇରା ଆଇଆଇସି ଗୟାଧର ବେହେରା, ଖଇରା ତହସିଲଦାର ସବ୍ୟସାଚୀ ଜେନା, ଅଗ୍ନିଶମ ବାହିନୀ, ଖଇରା ମେଡିକାଲ ଟିମର ସହଯୋଗ ଲୋଡା ଯାଇଛି। ଏହଛଡା ମେଳା ପରିସରରେ ଜ୍ୱଳନୀୟ ଦ୍ରବ୍ୟ, ନିଶାଦ୍ରବ୍ୟ ନିଷିଦ୍ଧ ପାଇଁ ନିଷ୍ପତ୍ତି ନିଆଯିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଏପ୍ରିଲ ୮ ତାରିଖରେ ଯଜ୍ଞ, ଚାରଣ ଗୋଷ୍ଠୀ ତତ୍ତ୍ୱାବଧାନରେ ଜଗନ୍ନାଥଙ୍କ ୧୬ ବେଶ ପ୍ରଦର୍ଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ କିଛିଦିନ କାଳବୈଶାଖୀ ଲାଗି ରହିବା କାରଣରୁ ଆସିଥିବା ବ୍ୟବସାୟୀ ମନକୁ ଭାରାକ୍ରାନ୍ତ କରିଛି।



